# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 3 January - 2025

## ରାଜ୍ୟପାଳଙ୍କ ଶପଥ ଗ୍ରହଣ

ଡକ୍ଟର ହରିବାବୁ କମ୍ଭମପତି ଆଜି ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ । ପୂର୍ବାହ୍ନ ୧୦ଟା ୧୫ ମିନିଟରେ ରାଜଭବନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ' ଡକ୍ଟର କମ୍ଭମପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ।
ଗତକାଲି ଡକ୍ଟର କମ୍ଭମପତି ଓଡ଼ିଶାରେ ପହଞ୍ଚିବା ପରେ ପୁରୀ ଯାଇ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ ।

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍‌ର ବୈଠକ ଅପରାହ୍ନରେ ବସିବାର କାର୍ଯ୍ୟସୂଚୀ ରହିଛି । ଭୁବନେଶ୍ୱର ଲୋକସଭା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରାୟ ୮ଟି ପ୍ରସ୍ତାବ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ରାଜ୍ୟ ସରକାରଙ୍କର ଚଳିତବର୍ଷର ଏହା ପ୍ରଥମ କ୍ୟାବିନେଟ୍ ବୈଠକ ହେବ ।

# କୃଷି ଓଡ଼ିଶା

ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆଜିଠାରୁ ଭୁବନେଶ୍ୱରରେ ୩ ଦିନିଆ କୃଷି ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଆୟୋଜିତ ଏହି ମେଳାର କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଆରମ୍ଭ ହେବ । ପ୍ରଥମ ଦିନରେ ଜଳବାୟୁ ଉପଯୋଗୀ ଖାଦ୍ୟ ପଦ୍ଧତି ଓ ଜଳବାୟୁ ତ୍ୱରିତ ଉଦ୍ୟାନ କୃଷି ପ୍ରସଙ୍ଗରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୦ ହଜାର କୃଷକ ଏହି ମେଳାରେ ଯୋଗଦେବେ ।

# ଜନଶୁଣାଣି ବନ୍ଦ ରହିବ

ଆସନ୍ତା ୬ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହି ଶୁଣାଣି ବନ୍ଦ ରହିବ ବୋଲି ଜଣାପଡ଼ିଛି ।

# ରିଙ୍ଗ୍‌ରୋଡ୍

ରାଜ୍ୟରେ ୨ହଜାର ୬୦୦ କିଲୋମିଟର ବିଶିଷ୍ଟ ଗ୍ରାଣ୍ଡ୍ ରିଙ୍ଗ୍‌ରୋଡ୍ ନିର୍ମାଣ ହେବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧ଲକ୍ଷ କୋଟି ଟଙ୍କା ଏହି ରିଙ୍ଗ୍‌ରୋଡ୍ ନିର୍ମାଣ ପାଇଁ ଖର୍ଚ୍ଚ ହେବ । **V/O**

# ଧାନକିଣା

ରାଜ୍ୟର ୧୮ଟି ଜିଲ୍ଲାର ୧ ହଜାର ୫୯୧ଟି ମଣ୍ଡିରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି । ସରକାରୀ ସୂଚନା ଅନୁସାରେ, ଅନ୍ୟ ୧୨ଟି ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ପଞ୍ଜୀକୃତ ଚାଷୀମାନଙ୍କୁ ଆଗୁଆ ସୂଚନା ସହିତ ଧାନ ବିକ୍ରି କରିବା ପାଇଁ ଟୋକନ୍ ଦିଆଯାଉଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

# ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ୭୭ତମ ଧନୁଯାତ୍ରା ମହୋତ୍ସବ ଆଜିଠାରୁ ଆରମ୍ଭ ହେଉଛି । ବରଗଡ଼ ସହରର ହାଟପଦାଠାରେ ରାଜଦରବାର ନିର୍ମାଣ ହୋଇଥିବାବେଳେ ନିଶାମଣି ସ୍କୁଲ୍‌ପଡ଼ିଆରେ ଭବ୍ୟ ରଙ୍ଗମହଲ ତିଆରି ହୋଇଛି । ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି । ପୌରାଣିକ କଥାବସ୍ତୁ ଅନୁସାରେ ମଥୁରାରେ ମହାରାଜ କଂସଙ୍କର ରାଜୁତି ଏବଂ ଗୋପପୁରରେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମଙ୍କ ବାଲ୍ୟଲୀଳା ଅଭିନୀତ ହେବ ।

# ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବରେ ଯୋଗ ଦେଇ କହିଛନ୍ତି, ଆଗାମୀ ଦିନରେ ଝାରସୁଗୁଡ଼ାକୁ ଏକ ଶିଳ୍ପ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ସରକାର ଯୋଜନା କରୁଛନ୍ତି । ମୁଖ୍ୟମନ୍ତ୍ରୀ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ଝାଡ଼େଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ଶିଳାନ୍ୟାସ କରିଥିଲେ । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ପ୍ରଦୀପ ପୁରୋହିତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଶିକ୍ଷକ ନିଯୁକ୍ତି

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବର୍ଗରେ  ହାଇସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ପାଇବେ । ସେଥିମଧ୍ୟରୁ ୪୯୬ ଜଣ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି । ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ-ଓଏସ୍‌ଏସ୍‌ସି ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ରେଳ ସଂଯୋଗ

ବରଗଡ଼ ରୋଡ୍‌ରୁ ନୂଆପଡ଼ା ରୋଡ୍‌କୁ ସଂଯୋଗ କରୁଥିବା ରେଳ ଲାଇନ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ପ୍ରକଳ୍ପ ପାଇଁ ଗତ ସେପ୍ଟେମ୍ବର ମାସରେ ରେଳବାଇ ପକ୍ଷରୁ

ମୋଟ୍ ୨ ହଜାର ୬୨୧ କୋଟି ୯୨ ଲକ୍ଷ ଟଙ୍କା ମଂଜୁର ହୋଇଥିଲା । ପ୍ରାୟ ୧୩୮ କିଲୋମିଟର ବିଶିଷ୍ଟ ଏହି ନୂତନ ରେଳ ଲାଇନ ନିର୍ମାଣ ସଂପୂର୍ଣ୍ଣ ହେଲେ ସମ୍ବଲପୁର-ଝାରସୁଗୁଡ଼ା-ରାୟପୁର ମଧ୍ୟରେ ୫୩ କିଲୋମିଟର ଏବଂ ସମ୍ବଲପୁର-ଟିଟିଲାଗଡ଼-ରାୟପୁର ମଧ୍ୟରେ ୮୬ କିଲୋମିଟର ଦୂରତା ହ୍ରାସ ପାଇବ । ରେଳ ସଂଯୋଗୀକରଣରେ ଉନ୍ନତି ହେବା ସହ ଆଞ୍ଚଳିକ ବିକାଶ ବୃଦ୍ଧି ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

# ଜେଇଇ ମେନ୍

ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ସର୍ବଭାରତୀୟ ସ୍ତରରେ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ-ମେନ୍ ର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ । ପ୍ରତ୍ୟେକ ଦିନ ୨ଟି ପର୍ଯ୍ୟାୟରେ ୩୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ଏନ୍‌ଟିଏ ପକ୍ଷରୁ କାର୍ଯ୍ୟସୂଚୀ ଜାରି କରାଯାଇଛି । ଏ ସଂପର୍କିତ ଅଧିକ ତଥ୍ୟ ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି ।

# ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ରାତି ତାପମାତ୍ରା ହ୍ରାସ ପାଇଛି । ରାଉରକେଲା, ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ଫୁଲବାଣୀ, ଦାରିଂବାଡ଼ିରେ ଗତକାଲି ରାତିର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀରୁ କମ୍

ରହିଥିଲା । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଶୀତର ପ୍ରକୋପ ଜାରି ରହିବ । ଆସନ୍ତାକାଲି କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମଧରଣର କୁହୁଡ଼ିର ସମ୍ଭାବନା ଥିବା ନେଇ ପୂର୍ବାନୁମାନ କରାଯାଇଛି ।